# <u>ମୀନା ବଜାର ନିଲାମ ଇସ୍ତାହାର</u> -୨୦୨୬

**ପତ୍ର ସଂଖ୍ୟା. ୨୧୧୮ /** **ତା. ୧୧.୦୬.୨୦୨୬**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତ ୨୦୨୬ ବର୍ଷ ରଥଯାତ୍ରା ଉପଲକ୍ଷେ ଗୁଣ୍ଡିଚା ବାଡ଼ି ସମୁଖରେ ଥିବା ପଡ଼ିଆଠାରେ ମୀନା ବଜାର କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ନିର୍ଦ୍ଧାରିତ ହୋଇଅଛି।

ଏଣୁ ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ନିଜର ନାମ ଓ ସବିଶେଷ ବିବରଣୀ ସାଧା କାଗଜରେ ଲେଖି ଆସନ୍ତା **ତା. ୨୩.୦୬.୨୦୨୬ ରିଖ ଦିବା ୨.୦୦ ଘଣ୍ଟା** ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଜଉମୁଦ ଦିଆ ଖାମରେ ଟେଣ୍ଡର ପେପର ନିମନ୍ତେ ନିର୍ଦ୍ଧାରିତ ବାକ୍ସରେ ପକାଇପାଇଁ ଆହ୍ୱାନ କରାଯାଉଛି । ନିର୍ଦ୍ଧାରିତ ତାରିଖ ଓ ସମୟ ପରେ କୌଣସି ଟେଣ୍ଡର ପେପର ଗ୍ରହଣ କରାଯିବ ନାହିଁ ଏବଂ ସେହିଦିନ **ତା. ୨୩.୦୬.୨୦୨୬ ଅପରାହ୍ନ ଘ.୪.୦୦** ସମୟରେ କମିଟିର ସଭ୍ୟ ଏବଂ ନିଲାମଧାରୀଙ୍କ ଉପସ୍ଥିତିରେ ଟେଣ୍ଡର ପେପର ଖୋଲାଯିବ । ଏହି ଟେଣ୍ଡର ର ସର୍ବନିମ୍ନ ମୂଲ୍ୟ **ଟ ୪୦,୦୦,୦୦୦/-ଙ୍କା ( ଚାଳିଶ ଲକ୍ଷ ଟଙ୍କା ମାତ୍ର )** ଧାର୍ଯ୍ୟ କରାଯାଇଅଛି । ଧାର୍ଯ୍ୟ ମୂଲ୍ୟ ରୁ କମ୍ ଦାମ୍ ଉଲ୍ଲେଖ ଥିବା ଟେଣ୍ଡର ପେପର ବିଚାର ପାଇଁ ଗ୍ରହଣ କରାଯିବ ନାହିଁ ଏବଂ ସଂପୃକ୍ତ ଟେଣ୍ଡର ପେପରଟି ରଦ୍ଦ କରିଦିଆଯିବ । ଯଦି ସମସ୍ତ ନିଲାମଧାରୀ ଅସଫଳ ହୁଅନ୍ତି, ତାହାହେଲେ ସେମାନଙ୍କ ସହ ଚୁକ୍ତି ପୂର୍ବକ ଆଲୋଚନା ମାଧ୍ୟମରେ ସର୍ବୋଚ ଟେଣ୍ଡର ମୂଲ୍ୟ ଧାର୍ଯ୍ୟ କରିବା ପାଇଁ ନିମ୍ନ ସ୍ୱାକ୍ଷରକାରିଙ୍କ ଅଧିକାର ଅଛି । ଇଚ୍ଛୁକ ବ୍ୟକ୍ତି ଅମାନତ ରାଶି **ଟ ୫,୦୦,୦୦୦/-ଙ୍କା (ପାଞ୍ଚ ଲକ୍ଷ ଟଙ୍କା ମାତ୍ର )** ର, ବ୍ୟାଙ୍କର୍ସ ଚେକ୍ କିମ୍ବା ବ୍ୟାଙ୍କ୍ ଡ୍ରାଫଟ ମାଧ୍ୟମରେ ପାରଳାଖେମୁଣ୍ଡି ସହରରେ ଅବସ୍ଥିତ ଯେକୌଣସି ଜାତୀୟକରଣ ବ୍ୟାଙ୍କରେ Secretary, Ratha Yatra Committee, Paralakhemundi ଙ୍କ ନାମରେ ପ୍ରସ୍ତୁତ କରି, ଟେଣ୍ଡର ପେପର ସହ ଦାଖଲ କରିବେ ଏବଂ ଅସଫଳ ନିଲାମଧାରୀ ଦେଇଥିବା ଚେକ୍ / ଡ୍ରାଫଟ୍ ଫେରସ୍ତ ଦିଆଯିବ । **ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ବା ଚୁକ୍ତି ପୂର୍ବକ ଆଲୋଚନା ମାଧ୍ୟମରେ ମୂଲ୍ୟ ଧାର୍ଯ୍ୟ ହୋଇଥିବା ନିଲାମଧାରୀ ନିଲାମର ବକେୟା ଅର୍ଥ ତତ୍କାଳ ନଗଦ ଆକାରରେ ପୈଠ କରିବାକୁ ବାଧ । ଯଦି ସମ୍ପୂର୍ଣ୍ଣ ରାଶି ପୈଠ କରିବାରେ ଅସମର୍ଥ ହୁଅନ୍ତି ତେବେ ଟେଣ୍ଡର ପେପର ସହିତ ପୈଠ କରିଥିବା ଅମାନତ ରାସି ବାଜ୍ୟାପ୍ତି (Forfeit) କରାଯିବ ଏବଂ ପରବର୍ତ୍ତୀ ନିଲାମଧାରୀଙ୍କ ଟେଣ୍ଡର୍ ପେପରଟି ବିଚାରକୁ ନିଆଯିବ।** ନିଲାମରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ବା ଅନୁଷ୍ଠାନ ମୀନା ବଜାର ପ୍ରଦର୍ଶନ ନିମନ୍ତେ ଆବଶ୍ୟକୀୟ ବୈଧ ଅନୁମତି ପତ୍ର , ଯାନ୍ତ୍ରିକ ବିଭାଜନ (Mechanical Division) ଦ୍ୱାରା ପ୍ରଦତ୍ତ ନିରାପତ୍ତା ପ୍ରମାଣପତ୍ର ଟେଣ୍ଡର ପେପର ସହିତ ଦାଖଲ କରିବେ । ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ବା ଚୁକ୍ତି ପୂର୍ବକ ଆଲୋଚନା ମାଧ୍ୟମରେ ନିଲାମ ଡାକିଥିବା ବ୍ୟକ୍ତି ବା ଅନୁଷ୍ଠାନକୁ **ତା. ୧୬.୦୭.୨୦୨୬ ଠାରୁ ୨୯.୦୭.୨୦୨୬** ପର୍ଯ୍ୟନ୍ତ ମୀନାବଜାର ଆୟୋଜନ ପାଇଁ ଆଦେଶ ଦିଆଯିବ । ଗ୍ରହଣ କରାଯାଇଥିବା ଯେ କୌଣସି ଟେଣ୍ଡର ପେପର କିମ୍ବା ସମସ୍ତ ଟେଣ୍ଡର ପେପର ଗୁଡିକ କୌଣସି କାରଣ ନ ଦର୍ଶାଇ ରଦ୍ଦ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ଅଛି ।

ନିମ୍ନ ନିର୍ଦ୍ଧାରିତ ମୂଲ୍ୟ ପ୍ରକାରେ ନିଲାମ ଧାରି ବିଭିନ୍ନ ଖେଳ ଓ ପ୍ରଦର୍ଶନ ଗୁଡିକ ଉପରେ **ତା ୧୬.୦୭.୨୦୨୬ ଠାରୁ ୨୯.୦୭.୨୦୨୬** ପର୍ଯ୍ୟନ୍ତ ଶୁଳ୍କ ଆଦାୟ କରିବେ ।

**୧. ରାମ ଦୋଳି-** **ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ. ୮୦.୦୦ଙ୍କା**

**୨. ମୌଥକା କୁଆଁ -** **ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ. ୮୦.୦୦ଙ୍କା**

**୩.ଡ୍ରାଗନ ଟ୍ରେନ୍ -** **ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ. ୮୦.୦୦ଙ୍କା**

**୪. ବ୍ରେକ ଡ୍ୟାନସ -** **ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ. ୮୦.୦୦ଙ୍କା**

**୫. ମ୍ୟାଜିକ ସୋ-** **ପ୍ରତ୍ୟେକ ଟିକଟ ର ମୂଲ୍ୟ ଟ. ୮୦.୦୦ଙ୍କା**

**୬. ଶିଶୁ (୧୨ ବର୍ଷ ପର୍ଯ୍ୟନ୍ତ) ମାନଙ୍କ ପାଇଁ ପ୍ରଦର୍ଶନ ଓ ଖେଳ ପ୍ରତ୍ୟେକ ଟିକଟର ମୂଲ୍ୟ ଟ.୫୦.୦୦ଙ୍କା**

**୭. ଅନ୍ୟାନ୍ୟ ଉପକରଣ (କମିଟିର ଅନୁମୋଦନ କ୍ରମେ )**

[ ବି.ଦ୍ର. - ତିନୋଟି ରଥ ଅବସ୍ଥାପିତ ନିମନ୍ତେ ଚିହ୍ନଟ ହୋଇଥିବା ଅଞ୍ଚଳ ମଧ୍ୟରେ ମୀନାବଜାର ପରିବେଷଣ ନିମନ୍ତେ ଅନୁମତି ଦିଆଯିବ ନାହିଁ । ଟିକଟ ମୂଲ୍ୟରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିଲମଧାରୀଙ୍କ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ସହ ଜୋରିମାନା ଆଦାୟ କରାଯିବ ।]

ଅନୁଭା ଦାଶ
୧୧.୦୬.୨୦୨୬

ଉପଜିଲ୍ଲାପାଳ, ପାରଳାଖେମୁଣ୍ଡି-ତଥା-
ସମ୍ପାଦକ, ରଥଯାତ୍ରା କମିଟି, ପାରଳାଖେମୁଣ୍ଡି

**ପରିପତ୍ର ସଂଖ୍ୟା. ୨୧୧୯** **ତା. ୧୧.୦୬.୨୦୨୬**

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ /ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ / ତହସିଲଦାରଙ୍କ କାର୍ଯ୍ୟାଳୟ / ପାରଳାଖେମୁଣ୍ଡି ପୌରପାଳିକା କାର୍ଯ୍ୟାଳୟ / ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଏବଂ ସୂଚନା ଓ ଲୋକ ସଂପର୍କ, ଅଧିକାରୀଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ ରେ ବହୁଳ ପ୍ରଚାର ଓ ପ୍ରସାର ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପଜିଲ୍ଲାପାଳ,ପାରଳାଖେମୁଣ୍ଡି-ତଥା-
ସମ୍ପାଦକ, ରଥଯାତ୍ରା କମିଟି, ପାରଳାଖେମୁଣ୍ଡି

**ପରିପତ୍ର ସଂଖ୍ୟା. ୨୧୨୦** **ତା. ୧୧.୦୬.୨୦୨୬**

ଏହାର ଏକକିତା ନକଲ ଇ. ଗଭର୍ନସ ପରିଚାଳକ, ଗଜପତିଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା କି ଉକ୍ତ ବିଜ୍ଞାପନର ସବିଶେଷ ବିବରଣୀ ଗଜପତି ଜିଲ୍ଲାର ୱେବସାଇଟରେ **(www.gajapati.odisha.gov.in)** ସମସ୍ତଙ୍କ ଅବଗତି ନିମନ୍ତେ ଉପଲବ୍ଧ (Host) କରିବା ହେବେ ।

ଉପଜିଲ୍ଲାପାଳ,ପାରଳାଖେମୁଣ୍ଡି-ତଥା-
ସମ୍ପାଦକ, ରଥଯାତ୍ରା କମିଟି, ପାରଳାଖେମୁଣ୍ଡି